ଧରିତ୍ରୀ
DHARITRI
ଶନିବାର, ୨୪ ସେପ୍ଟେମ୍ବର ୨୦୨୨



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବଇଣ୍ଡା,୨୩।୯(ଡି.ଏନ.ଏ.): କିଶୋରନଗର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଶୁକ୍ରବାର ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ନାବାଳିକା ଘରେ ଥିବାବେଳେ କେହି ତାଙ୍କୁ ଅପହରଣ କରିନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୧୬୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସାମାଜିକ ସଚେତନତା ଶୋଭାଯାତ୍ରା



ବଔଁରପାଲ,୨୩।୯(ଡି.ଏନ.ଏ.): ବଔଁରପାଲ ବ୍ଲକ ଅପ୍ରତୀପୁର ଗ୍ରାମରେ ସାମାଜିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ଏଲିଜା ମିଶ୍ର ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବେହେରା, ବ୍ଲକ ସଂଯୋଜକ ଚିତ୍ତରଞ୍ଜନ ନନ୍ଦ, ସରପଞ୍ଚ ଅନୁସୟା ଗଡନାୟକ, ସମିତି ସଭ୍ୟ ଜନନୀ ଭୋଇ, ଅଭୟ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରା ଗ୍ରାମ ଆରମ୍ଭରୁ ବାହାରି ଶେଷମୁଣ୍ଡ ପର୍ଯ୍ୟନ୍ତ ଆସିଥିଲା। ନିୟମିତ ଭାବେ ପାଇଖାନା ବ୍ୟବହାର କରିବା, ନିଜ ଘର ପରିବେଶକୁ ସଫା କରିବା, ବର୍ଜ୍ୟ ବସ୍ତୁକୁ କମ୍ପୋଷ୍ଟରେ ପୁରେଇବା, ଡ୍ରେନ୍ ସଫା କରିବା ସମ୍ପର୍କରେ ସଚେତନତା କରାଯାଇଥିଲା।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ନାଲ୍କୋ କାଷ୍ଟହାଉସ୍ ବି ମେଢ଼।





ନାଲ୍କୋ ରୋଡିଂ ଶପ୍-୨।



ନାଲ୍କୋ ରୋଡିଂ ଶପ୍ ମେଢ଼।

# ବିଦାୟ ନେଲେ ଦେବଶିଳ୍ପୀ

ବଔଁରପାଲ, ୨୩।୯ (ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍କୋଠାରେ ଗତ ୧୭ ତାରିଖଠାରୁ ଚାଲିଥିବା ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଶୁକ୍ରବାର ଭସାଣି ଶୋଭାଯାତ୍ରା ସହ ସମାପନ ହୋଇଛି। ଅପରାହ୍ନ ୨ଟାରୁ ରାତି ପର୍ଯ୍ୟନ୍ତ ଚାଲିଥିବା ଏହି ଶୋଭାଯାତ୍ରା ଯୋଗୁ ନାଲ୍କୋନଗର ଦୁଲୁକି ଉଠିଥିଲା। ଚଳିତବର୍ଷ ୧୮ ମଣ୍ଡପରେ ଦେବଶିଳ୍ପୀଙ୍କ ପୂଜା ହୋଇଥିଲେ ହେଁ ଭସାଣିରେ ୭ଟି ମେଢ଼ ମେଟେରିଆଲ, ରୋଡିଂଶପ୍-୨, କାଷ୍ଟହାଉସ-ଏ, କାଷ୍ଟ ହାଉସ-ବି, ପଟ୍‌ଲାଇନି, ରୋଡିଂଶପ-୧ ଓ ବ୍ୟାକ ଓଭେନେ ସାମିଲ ହୋଇଥିଲେ। ବିଭିନ୍ନ ପୂଜା କମିଟି ପକ୍ଷରୁ ଶୋଭାଯାତ୍ରାକୁ ଆକର୍ଷଣୀୟ କରାଯିବାକୁ ଭରପୂର ପ୍ରୟାସ କରାଯାଇଥିବା ଦେଖିବାକୁ ମିଳିଥିଲା। କେଉଁ କମିଟି ଶୋଭାଯାତ୍ରାରେ ଢୋଲ ବାଦ୍ୟକୁ ସାମିଲ କରିଥିଲା ତ ଆଉ କେଉଁ କମିଟି ଘଣ୍ଟ, ସଂକୀର୍ତ୍ତନ ସହ ପାଇକ ଖେଳ ଆଦି ପ୍ରଦର୍ଶନ କରିଥିଲେ। ଗେଷ୍ଟ ହାଉସଠାରୁ ପର୍ଯ୍ୟାୟ କ୍ରମେ ସବୁ ମେଢ ବାହାରି ନାଲ୍କୋ ନଗର ପରିକ୍ରମା କରିଥିଲା। ଗିରାଙ୍ଗ ଛକ ନିକଟରେ ସବୁ ମେଢ ପହଞ୍ଚିବା ପରେ ପୋଖରୀରେ ସମସ୍ତ ମେଢ ବିସର୍ଜନ କରାଯାଇଥିଲା। ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।



ନାଲ୍କୋ ପଟ୍‌ଲାଇନ୍ ମେଢ଼।



ଶୋଭାଯାତ୍ରା ବେଳେ ପୂଜା କମିଟି କର୍ମକର୍ତ୍ତା ଓ ଯୁବଗୋଷ୍ଠୀ ଉଲ୍ଲସିତ ମୁଦ୍ରାରେ।



ଭସାଣି ଶୋଭାଯାତ୍ରାରେ ଜଣେ କଳାକାର କଳା ପ୍ରଦର୍ଶନ କରୁଛନ୍ତି।

# ଠାକୁରଗଡ଼ରେ ରାଜସ୍ୱ ମେଳା

ବଇଣ୍ଡା/ ଆଠମଲ୍ଲିକ,୨୩।୯(ଡି.ଏନ.ଏ.)

ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଠାକୁରଗଡ଼ ରାଜସ୍ୱ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଜସ୍ୱ ପରିଦର୍ଶକ ଦଣ୍ଡଧର ସିଂ, ଠାକୁରଗଡ଼ ଆରଆଇ ଧ୍ରୁବଚରଣ ନାୟକ, ବାସୁଦେବ ପ୍ରଧାନ, ଧୀରେନ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଜମିଜମା ଅଭିଯୋଗ ଗ୍ରହଣ କରି ସେଗୁଡିକ ଫଇସଲା କରାଯାଇଥିଲା।



ମେଳାରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

# ବିଦ୍ୟାଳୟର ସମସ୍ୟା ଜାଣିଲେ ବିଧାୟକ

ବଇଣ୍ଡା, ୨୩।୯(ଡି.ଏନ.ଏ.)

କିଶୋରନଗର ବ୍ଲକ କଟରଙ୍ଗା ହାଇସ୍କୁଲକୁ ଶୁକ୍ରବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଗସ୍ତ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ବିଦ୍ୟାଳୟର ପାଠପଢା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଠାରୁ ବୁଝିବା ସହ କିଭଳି ବିଦ୍ୟାଳୟର ଉନ୍ନତି ହେବ ସେ ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ଜିତେନ୍ଦ୍ର ବେହେରା, ସରପଞ୍ଚ ମୋହିନୀ ପ୍ରଧାନ, ତାପସ ସାହୁ, ବାନାମ୍ବର ପ୍ରଧାନ, ଜେନାମଣୀ ପ୍ରଧାନ, ସୁବାସ ପ୍ରଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



କଟରଙ୍ଗା ହାଇସ୍କୁଲକୁ ବିଧାୟକ ପରିଦର୍ଶନ କରୁଛନ୍ତି।

# ୩୭ ହଜାରରେ ଆଞ୍ଚା ଲଡୁ ନିଲାମ

ବଔଁରପାଲ,୨୩।୯(ଡି.ଏନ.ଏ.)

ନାଲ୍କୋ ଠିକାଦାର ସଂଘ ପକ୍ଷରୁ ଅଞ୍ଚାଲଡୁ ନିଲାମ ହୋଇଥିଲା। ଠିକାଦାର ବୁଲେସ ଜେନା ସର୍ବାଧିକ ୩୭ ହଜାର ଟଙ୍କାରେ ନିଲାମ ଡାକି ଲଡୁ ନେଇଥିଲେ। ମୁଖ୍ୟଅତିଥି ଭାବେ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ଡିଜିଏମ୍ ରାଜାରାମ ମିଶ୍ର, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବୁଲେସଙ୍କୁ ଲଡୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ମନୋରଞ୍ଜନ ଜେନା, ସମ୍ପାଦକ ଅଭୟ ସିଂ, ପ୍ରଫୁଲ୍ଲ ବିଶୋଇ, ବିପ୍ଲବ ଜେନା, ବିପିନ ସେଠ, ଅଶୋକ ସେଠ, ସନ୍ତୋଷ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଆଞ୍ଚାଲଡୁ ନିଲାମ ବେଳେ ଉପସ୍ଥିତ ଅତିଥିଙ୍କ ସହ ନିଲାମଧାରୀ।

# ଡେଲି ମାର୍କେଟର ୩ ଦୋକାନ ସିଲ୍

ଅନୁଗୋଳ ଅଫିସ, ୨୩।୯

ଟିକସ ପ୍ରଦାନ ନ କରିବା, ଆବର୍ଜନା କରିବା ଏବଂ ପଲିଥିନ୍ ବିକ୍ରି କରୁଥିବା ଯୋଗୁ ଅନୁଗୋଳ ପୌରପାଳିକା ପକ୍ଷରୁ ଡେଲି ମାର୍କେଟ୍‌ର ୩ ଦୋକାନକୁ ଶୁକ୍ରବାର ସିଲ୍ କରାଯାଇଛି। ସୂଚନା ଅନୁଯାୟୀ, ଡେଲି ମାର୍କେଟର ଗୋଟିଏ ଦୋକାନରେ ପଲିଥିନ୍ ସହ ସୋଲରେ ତିଆରି ସାମଗ୍ରୀ ବିକ୍ରି ହେଉଥିଲା। ତେବେ ଦୋକାନ ଆଗରେ ଗଦା ଗଦା ଅଳିଆ ପକାଯାଇ ଅପରିଷ୍କାର ପରିବେଶ ସୃଷ୍ଟି କରାଯାଉଥିଲା। ଏ ନେଇ ପୌରପାଳିକା ପକ୍ଷରୁ ବାରମ୍ବାର ଚେତାବନୀ ଦିଆଯାଇଥିଲେ ମଧ୍ୟ ବ୍ୟବସାୟୀ ଜଣକ ସୁଧୁରି ନ ଥିଲେ। ଫଳରେ ପୌର କର୍ମଚାରୀ ଚଢ଼ାଉ କରି ଦୋକାନକୁ ସିଲ୍ କରିଥିବା ଟ୍ୟାକ୍ସ ଦାରୋଗା ବିଭୂତି ଭୂଷଣ ମହାରଣା ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ୨ ଦୋକାନୀ ୪ ବର୍ଷ ହେବ ଟିକସ ପ୍ରଦାନ କରି ନ ଥିଲେ। ଟିକସ ମାଗିବାକୁ କର୍ମଚାରୀ ଗଲେ, ସେମାନଙ୍କୁ ନାଲି ଆଖି ଦେଖାଉଥିଲେ। ତେଣୁ ଟିକସ ଫାଙ୍କିବା ଅଭିଯୋଗରେ ୩ଟି ଦୋକାନକୁ ସିଲ୍ କରାଯାଇଥିବା ଟ୍ୟାକ୍ସ ଦାରୋଗା କହିଛନ୍ତି। ତେବେ ଏହି ଚଢ଼ାଉ ବେଳେ କାର୍ଯ୍ୟାନୁଷ୍ଠାନ ଭୟରେ ଅନ୍ୟ ଜଣେ ବ୍ୟବସାୟୀ ଦୋକାନ ଛାଡ଼ି ଦୌଡ଼ି ପଳାଇ ଯାଇଥିବା ଦେଖିବାକୁ ମିଳିଥିଲା। ପୌରପାଳିକା ପକ୍ଷରୁ କରାଯାଇଥିବା ଏହି ଚଢ଼ାଉରେ ପୌର ନିର୍ବାହୀଯନ୍ତ୍ରୀ ରବିନ୍ ଦାସ, ପରିମଳ ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ, ବିନୋଦ ଗୋଚ୍ଛାୟତ ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ପୌରପାଳିକା ପକ୍ଷରୁ ଦୋକାନ ସିଲ୍ କରାଯାଉଛି।

**ଭୟରେ ବ୍ୟବସାୟ ଛାଡ଼ି ଦୌଡ଼ିଲେ ବ୍ୟବସାୟୀ**

# ନିଃଶୁଳ୍କ ଚକ୍ଷୁ ପରୀକ୍ଷଣ ଶିବିର ପ୍ରସ୍ତୁତି

ଛେଣ୍ଡିପଦା,୨୩।୯(ସ୍ୱ.ପ୍ର.)

ଅନୁଗୋଳ ଜିଲା ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ଓ ଜେ.ପି. ହସ୍ପିଟାଲ ରାଉରକେଲା ସହଯୋଗୀ ସଂସ୍ଥା ପକ୍ଷରୁ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷଣ ଶିବିର ପାଇଁ ପ୍ରସ୍ତୁତି ବୈଠକ ଛେଣ୍ଡିପଦା ବ୍ଲକ ବାଗଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ସଂଯୋଜକ ଗୋପାଳ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ୨୭ ଓ ୨୮ ତାରିଖରେ ଏହି ଦୁଇଦିନିଆ ଶିବିର ବାଗଡିଆ ଓ ଛେଣ୍ଡିପଦାରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଶିବିରରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ସହ ଆବଶ୍ୟକତା ଅନୁଯାୟୀ ମାଗଣା ଚଷମା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ବାଗଡିଆ ସରପଞ୍ଚ ପୁଷ୍ପଲତା ବେହେରା, ଗ୍ରାମ ସଭାପତି ବିଜୟ କୁମାର ପ୍ରଧାନ, ସମ୍ପାଦକ ସୁରେଶ ପ୍ରଧାନ, ରାଜେଶ ଅଗ୍ରୱାଲ, ଚତୁର୍ଭୁଜ ଅଗ୍ରୱାଲ, ଗୋପାଲ ଅଗ୍ରୱାଲ, ବୁଦ୍ଧଦେବ ବେହେରା, ଆଦର୍ଶ ଅଗ୍ରୱାଲ, ମୋହନ ଷଡଙ୍ଗୀ, ସୁରେଶ କୁମାର ପ୍ରଧାନ, କହ୍ନେୟା ଅଗ୍ରୱାଲ, ସନାତନ ସାହୁ, ବିରଞ୍ଚି ଗଡନାୟକ ପ୍ରମୁଖ ଉପସ୍ଥିତ ରହି ଶିବିର କିପରି ସୁନ୍ଦର ଭାବେ ଆୟୋଜିତ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ।



ବୈଠକରେ ଆୟୋଜକ ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

# ସେବା ପକ୍ଷ ଅବସରରେ ଚାରା ରୋପଣ

ପବିତ୍ରନଗର, ୨୩।୯ (ଡି.ଏନ.ଏ.)

ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଭାଜପା ପକ୍ଷରୁ ପାଳନ କରାଯାଉଥିବା ସେବା ପକ୍ଷ ଅବସରରେ କଣିହାଁ ବ୍ଲକ ପବିତ୍ରନଗର ଭାଜପା ମଣ୍ଡଳ ପକ୍ଷରୁ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲଙ୍କ ନେତୃତ୍ୱରେ ଗହମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗଦେଇ ଏଭଳି ମହତ କାର୍ଯ୍ୟ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରାବିଲ ସରପଞ୍ଚ କବିତାରାଣୀ ପ୍ରଧାନ, ବିରୁ ସରପଞ୍ଚ ଧରଣୀଧର ବେହେରା, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲ, ଭାଜପା ଜିଲା କମିଟି ସଦସ୍ୟ ରମେଶ ପ୍ରଧାନ, ବିଭୂତି ପ୍ରଧାନ, ହରିହର ସାହୁ, ମନୋଜ ସାହୁ, ପଙ୍କଜ ପ୍ରଧାନ, ବୁଲୁ ସାହୁ, ପ୍ରସନ୍ନ ବିଶ୍ୱାଳ, ରାମଚନ୍ଦ୍ର ବିଶ୍ୱାଳ, ଦିଲୀପ ପ୍ରଧାନ, ଦିଗମ୍ବର ସାହୁ, ଦୀପକ ପ୍ରଧାନ, ପ୍ରଦୀପ ପ୍ରଧାନ, ଦାମୋଦର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।



ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଉଛି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସଫେଇ କର୍ମଚାରୀ

ଅନୁଗୋଳ ଅଫିସ, ୨୩।୯

ଅନୁଗୋଳ ଜିଲା ତାଳଚେର ପୌରପାଳିକାରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କୁ ପ୍ରାପ୍ୟ ମିଳୁନାହିଁ। ଏ ନେଇ ସଫେଇ କର୍ମଚାରୀମାନେ ଧାରଣାରେ ବସିଥିଲେ ମଧ୍ୟ ସମସ୍ୟା ଦୂର ହୋଇନାହିଁ। ପାର୍ବଣ ସମୟରେ ସଫେଇ କର୍ମଚାରୀଙ୍କୁ ପୌର କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଅଭିଯୋଗ କରି ସଫେଇ କର୍ମଚାରୀମାନେ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗରେ ସଫେଇ କର୍ମଚାରୀ ଉଲ୍ଲେଖ କରିଛନ୍ତି, ଠିକା ସଂସ୍ଥା ଚୁକ୍ତି ସରିଯାଇଥିବା ଆଳ ଦେଖାଇ ଖସିଯିବାକୁ ବସିଛି। ସଫେଇ କର୍ମଚାରୀଙ୍କୁ ସାବୁନ୍, ଚପଲ, ସେଫଟି କିଟ୍ ପ୍ରଦାନ କରାଯାଉନାହିଁ। ପ୍ରତିବର୍ଷ ଦଶହରାରେ ବୋନସ୍ ପ୍ରଦାନ କରଯାଉଥିଲେ ମଧ୍ୟ ଚଳିତବର୍ଷ ତାହା ବନ୍ଦ କରାଯିବ ବୋଲି ନଗରପାଳ କହିଛନ୍ତି। ଏଥିସହ ନଗରପାଳ କହିଛନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି କାମ କରୁଛ। ତାଙ୍କର ବଦଳି କରିଛୁ, ଏବେ ଆମ ହିସାବରେ କାର୍ଯ୍ୟ ହେବ। ତୁମେମାନେ କେତେ ଧାରଣା ଦେବ ତାହା ଜଣାପଡ଼ିବ। ଅଭିଯୋଗ କଲେ ଚାକିରିରୁ ବିଦା କରାଯିବ ବୋଲି ନଗରପାଳ ନାଲିଆଖି ଦେଖାଇଥିବା ସଫେଇ କର୍ମଚାରୀମାନେ ଉଲ୍ଲେଖ କରିଛନ୍ତି। ତେଣୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏଠାରୁ ବଦଳି କରା ନ ଯିବା ସହ ତୁରନ୍ତ ନୂତନ ଠିକା ସଂସ୍ଥାକୁ ଟେଣ୍ଡର ଦେବାକୁ ସଫେଇ କର୍ମଚାରୀମାନେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ପୌର କର୍ତ୍ତୃପକ୍ଷ କହିଛନ୍ତି, ଠିକା ସଂସ୍ଥା ଠିକ୍ ସମୟରେ ବିଲ୍ ପୈଠ କରୁନାହିଁ। ତେଣୁ ସଫେଇ କର୍ମଚାରୀଙ୍କୁ ତାଙ୍କ ପ୍ରାପ୍ୟ ମିଳିପାରୁ ନାହିଁ। ବିଲ୍ ପୈଠ କରିବା ମାତ୍ରେ ପ୍ରାପ୍ୟ ପ୍ରଦାନ କରାଯିବ।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସୁଥିବା ସଫେଇ କର୍ମଚାରୀମାନେ।

## ଗଞ୍ଜେଇ, ନକଲି ମଦ ଜବତ, ୭ ଗିରଫ

**ଢେଙ୍କାନାଳ ଅଫିସ, ୨୩।୯:** ଢେଙ୍କାନାଳ ଜିଲା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩.୫ କେଜି ଗଞ୍ଜେଇ, ୫,୪୦୦ ଲିଟର ନକଲି ବିଦେଶୀ ମଦ, ୧୬୭ ଲିଟର ଦେଶୀ ମଦ ଏବଂ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ଗଁଦିଆର ନଳିନୀକାନ୍ତ ମହାରଣା, ଭୁବନର ଗୌରାଙ୍ଗଚରଣ ନାୟକ, ସାଙ୍କୁଲେଇର ପ୍ରଶାନ୍ତ ମଲ୍ଲିକ, ରାଇଡ଼ିହିର କୃଷ୍ଣଚନ୍ଦ୍ର ସାହୁ, ବିନ୍ଧୋଳର ସନାତନ ପ୍ରଧାନ, ଟାମେଣ୍ଡାର ପ୍ରଭୁ ବେହେରା, କଳିଙ୍ଗାପାଳର ପ୍ରଫୁଲ୍ଲ ବେହେରା ଗିରଫ ହୋଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ୮ ଅଣ୍ଡା ସହ ନାଗ ଉଦ୍ଧାର



**ଢେଙ୍କାନାଳ ଅଫିସ, ୨୩।୯:** ଢେଙ୍କାନାଳ ସହର ଉପକଣ୍ଠ ଭଗବାନପୁର ଅଞ୍ଚଳରୁ ଶୁକ୍ରବାର ୮ ଅଣ୍ଡା ସହ ଏକ ସାଢ଼େ ୪ ଫୁଟର ନାଗ ସାପକୁ ଉଦ୍ଧାର କରାଯାଇଛି। ଦ୍ୱିଜ ପ୍ରସାଦ ସାମନ୍ତରାୟଙ୍କ ଘରେ ସାପ ଅଣ୍ଡା ଦେଇଥିବା ଜଣାପଡ଼ିବା ପରେ ବନ୍ୟଜନ୍ତୁ ଓ ସର୍ପ ଉଦ୍ଧାରକାରୀ ଦଳର ସୂର୍ଯ୍ୟକାନ୍ତ ବେହେରା ପହଞ୍ଚି ସାପ ଓ ଅଣ୍ଡାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ନାଗକୁ ମେଘା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ୧୮୨ ହିତାଧିକାରୀଙ୍କୁ ଦିଆଗଲା ଭତ୍ତା



**କାମାକ୍ଷାନଗର, ୨୩।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଶୁକ୍ରବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଝରଣା ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ବିକାଶ କୁମାର ମହାନ୍ତି ଉପସ୍ଥିତ ରହି ଯୋଗ୍ୟ ବିବେଚିତ ୧୮୨ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସରପଞ୍ଚ ଶିଶରକାନ୍ତ ବେହେରା, ମଦନ ବେହେରା, ସନ୍ଧ୍ୟାରାଣୀ ଷେଣ୍ଡ, ଲମ୍ବୋଦର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାସୋଳ, ୨୩।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା କାରନ୍ଦା ଗୋଡ଼ିସାହି ନିକଟ ପଟାସ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଶୁକ୍ରବାର ଅପରାହ୍ନରେ ଠାବ କରାଯାଇଛି। ସେ ହେଲେ ଭୋଳେଶ୍ୱର ସାହୁଙ୍କ ପୁଅ ତ୍ରିଲୋଚନ (୨୦)। ପାରିବାରିକ କହଳକୁ କେନ୍ଦ୍ରକରି ତ୍ରିଲୋଚନ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ସୂଚନା ପାଇ ରାସୋଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ତ୍ରିଲୋଚନ ସକାଳୁ ଘରୁ ବାହାରି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଗ୍ରାମ ନିକଟ ପଟାସ ଜଙ୍ଗଲରୁ ତାଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଆତ୍ମହତ୍ୟା କି ନୁହେଁ, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଦଦରା ହଷ୍ଟେଲରେ ଦହଗଞ୍ଜ

**ଢେଙ୍କାନାଳ ଅଫିସ, ୨୩।୯**

ଛାତ୍ରାବାସକୁ ବିତିଲାଣି ୪୦ବର୍ଷ। କେଉଁଠି କୋଠା ଛାତ ଫାଟି ଆଁ କରିଛି ତ ଆଉ କେଉଁଠି କାନ୍ଥ। ସମୟେ ସମୟେ ମୁଣ୍ଡା ମୁଣ୍ଡା ହୋଇ ଖସୁଛି ସିମେଣ୍ଟ କଂକ୍ରିଟ୍। କବାଟ, ଝରକା ଅବସ୍ଥା ନ କହିବା ଭଲ। କେବଳ ହଷ୍ଟେଲ ନୁହେଁ, ଷ୍ଟାଫ୍ କ୍ୱାର୍ଟର୍ସ ସ୍ଥିତି ମଧ୍ୟ ସଙ୍ଗିନ। ମାଳମାଳ ବିଷଧର ସର୍ପ, ବିଷାକ୍ତ କୀଟପତଙ୍ଗଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏମିତି ନୁହେଁ, ଛାତ୍ରାବାସ ପାଇଁ ବିକଳ୍ପ ହୋଇନି। ୩ ବର୍ଷ ହେଲା ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହଷ୍ଟେଲ ଲୋକାର୍ପଣ ହୋଇ ଅନ୍ତେବାସୀଙ୍କ ଅପେକ୍ଷାରେ ରହିଛି। ହେଲେ ଶଯ୍ୟା, ରୋଷେଇ ସାମଗ୍ରୀ ଉପଲବ୍ଧ ନ ଥିବାରୁ ଏହାର ତାଲା ଖୋଲୁନି କି କୌଣସି କାମରେ ଲାଗୁନି। ଫଳରେ ଭଙ୍ଗା ଦଦରା କୋଠାରେ ଅତି ଦୟନୀୟ ଅବସ୍ଥାରେ ବିପଦ ମୁଣ୍ଡାଇ ରହୁଛନ୍ତି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅନ୍ତେବାସୀ ଏବଂ କର୍ମଚାରୀ।

ଦୀର୍ଘ ୪୦ ବର୍ଷ ତଳେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସରେ ନିର୍ମାଣ କରାଯାଇଥିଲା ୨୦ରୁ ଊର୍ଦ୍ଧ୍ୱ ଦୁଇ ମହଲା ବିଶିଷ୍ଟ ଷ୍ଟାଫ୍ କ୍ୱାର୍ଟର୍ସ। ଗୋଟିଏ ବ୍ଲକ୍‌ରେ ୪ କ୍ୱାର୍ଟର୍ସ ଅର୍ଥାତ୍ ୪ ପରିବାର ରହିବା ଭଳି ବ୍ୟବସ୍ଥା କରାଯାଇଥିଲା।



ବିପଦସଙ୍କୁଳ ଅବସ୍ଥାରେ ଥିବା ବାଜି ରାଉତ-୧ ଛାତ୍ରାବାସ।

■ପୁରୁଣା ଛାତ୍ରାବାସ, କ୍ୱାର୍ଟର୍ସ ସ୍ଥିତି ସଙ୍ଗିନ
■ପାଲଟିଛି ବିଷଧର ସର୍ପଙ୍କ ଆବାସସ୍ଥଳୀ
■କାମରେ ଆସୁନାହିଁ ୪ କୋଟିର ନୂତନ କୋଠା

ତେବେ ଦୀର୍ଘଦିନ ଧରି ମରାମତି ଅଭାବରୁ ଏସବୁ କୋଠା ଅତିମାତ୍ରାରେ ବିପଦସଙ୍କୁଳ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଛି। କବାଟ, ଝରକା ନଷ୍ଟ ହୋଇଗଲାଣି। ପାହାଡ଼କୁ ଲାଗି ରହିଥିବାରୁ ଘରେ ବଡ଼ ବଡ଼ ବିଷାକ୍ତ ସାପ ପଶୁଛନ୍ତି। ଖୋଦ୍ ଅଧ୍ୟକ୍ଷ ମଧ୍ୟ ଜରାଜୀର୍ଣ୍ଣ କ୍ୱାର୍ଟର୍ସରେ ରହୁଛନ୍ତି। ଅନୁରୂପ ସମସ୍ୟା ଦେଖିବାକୁ ମିଳିଛି 'ବାଜି ରାଉତ ଛାତ୍ରାବାସ-୧'ରେ। ହଷ୍ଟେଲ ଛାତ, କାନ୍ଥ ସବୁ ଭାଙ୍ଗିରୁଜି ଗଲାଣି। ଅନ୍ତେବାସୀମାନେ ଜୀବନକୁ ପାଣି ଛଡ଼ାଇ ରହୁଛନ୍ତି। କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ରହିଥିବାରୁ ବିକଳ୍ପ ସ୍ୱରୂପ ଛାତ୍ରାବାସ ନିକଟରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୩୦୦ ଶଯ୍ୟାବିଶିଷ୍ଟ 'କପିଳାସ ଛାତ୍ରାବାସ-୨' ନିର୍ମାଣ କରାଯାଇଛି। ୨୦୧୯ ଜାନୁୟାରୀ ୨୮ରୁ ଲୋକାର୍ପଣ ହୋଇ ଏହା ବ୍ୟବହାର ଅପେକ୍ଷାରେ ରହିଛି। ହେଲେ ଅନ୍ତେବାସୀଙ୍କ ପାଇଁ ଆବଶ୍ୟକ ଶଯ୍ୟା କିମ୍ବା ରୋଷେଇ ଉପକରଣ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକାର୍ପଣର ୩ବର୍ଷ ପରେ ବି ଏହି ଛାତ୍ରାବାସ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଛାତ୍ରାବାସ ଉପରେ ନିର୍ଭରଶୀଳ ଅନ୍ତେବାସୀ ପୁରୁଣା ହଷ୍ଟେଲରେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ସେହିପରି ଜରାଜୀର୍ଣ୍ଣ କ୍ୱାର୍ଟର୍ସରେ ଜୀବନ ପ୍ରତି ବିପଦ ଥିବାରୁ ଅଧିକାଂଶ ଅଧାପିକା, ଅଧ୍ୟାପକ ରହୁନାହାନ୍ତି। ସେମାନେ କଟକ ଓ ଭୁବନେଶ୍ୱରରୁ ଯିବାଆସିବା କରୁଛନ୍ତି। ସମସ୍ୟା ସମ୍ପର୍କରେ ପ୍ରତିବର୍ଷ କଲେଜ କର୍ତ୍ତୃପକ୍ଷ ରାଜ୍ୟ ସରକାର, ଉଚ୍ଚ ଶିକ୍ଷା ବିଭାଗକୁ ଜଣାଉଥିଲେ ମଧ୍ୟ ଏହି ପୁରାତନ ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନ ଦିଗରେ କେହି ଆନ୍ତରିକତା ଦେଖାଉନାହାନ୍ତି, ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ସଂକ୍ରାନ୍ତରେ କଲେଜ ଅଧକ୍ଷ ରଞ୍ଜିତ ପ୍ରଧାନ କୁହନ୍ତି, ବହୁ ପୁରୁଣା ଷ୍ଟାଫ୍ କ୍ୱାର୍ଟର୍ସ ମରାମତି ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଦୁଇଦିନ ତଳେ ପରିଦର୍ଶନ କରି ଯାଇଛନ୍ତି। ନୂତନ କ୍ୱାର୍ଟର୍ସ ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ ସେମାନେ କହିଛନ୍ତି। ସେହିପରି ବାଜି ରାଉତ ଛାତ୍ରାବାସ-୧କୁ ମରାମତି କରିବାକୁ ପୂର୍ତ୍ତ ବିଭାଗକୁ କୁହାଯାଇଛି। ନୂତନ କପିଳାସ ଛାତ୍ରାବାସ-୨ରେ ଶଯ୍ୟା ଅଭାବ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଶ୍ୱବ୍ୟାଙ୍କ ପକ୍ଷରୁ ୩୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ଟେଣ୍ଡର କରି ଶଯ୍ୟା ଏବଂ ରୋଷେଇ ସାମଗ୍ରୀ ବ୍ୟବସ୍ଥା କରାଯିବ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ଷ୍ଟାଫ୍ କ୍ୱାର୍ଟର୍ସଗୁଡ଼ିକ ପ୍ରାୟ ୪୦-୫୦ ବର୍ଷ ପୁରୁଣା। ସେସବୁ ଆଉ ମରାମତି ହେବା ଅବସ୍ଥାରେ ନାହିଁ। ନୂଆ କ୍ୱାର୍ଟର୍ସ ନିର୍ମାଣ ପାଇଁ ପ୍ରାୟ ୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ତେବେ ୨୦୧୯ରୁ ନୂତନ ହଷ୍ଟେଲ କୋଠା କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଖୋଲିଲା ଇଏନ୍‌ଟି ଓପିଡି ରୋଗୀ ଦେଖିଲେ ଠିକା ଡାକ୍ତର




**ଢେଙ୍କାନାଳ ଅଫିସ, ୨୩।୯**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ଣ୍ଣ, ନାସା, ଗଳା (ଇଏନ୍‌ଟି) ବିଭାଗ ଓପିଡି ତାଲା ଶୁକ୍ରବାର ଖୋଲିଛି। ରୋଗୀଙ୍କ ଚିକିତ୍ସା ଲାଗି ଜଣେ ଠିକା ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ, ଇଏନ୍‌ଟି ବିଭାଗର ସ୍ଥାୟୀ ଡାକ୍ତର ୨ମାସ ପାଇଁ ଛୁଟିରେ ଯିବା ପରେ ଗତ ଗୁରୁବାର ଚିକିତ୍ସାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ବିଭାଗର ଓପିଡିକୁ ବନ୍ଦ କରି ତାଲା ପକାଇ ଦେଇଥିଲେ। ଏପରିକି ଡାକ୍ତର ଦୁଇମାସ ଛୁଟିରେ ଥିବାରୁ ରୋଗୀସେବା ବନ୍ଦ ରହିଥିବା ନେଇ ନୋଟିସ ଲଗାଇଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ତୁରନ୍ତ ନୋଟିସକୁ ଚିରି ଦିଆଯାଇଥିଲା। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ଇଏନ୍‌ଟି ଓପିଡି ଖୋଲାଯାଇଛି। ଜଣେ ଡାକ୍ତରଙ୍କୁ ଠିକାରେ ଆଣି ରୋଗୀ ସେବାରେ ନିୟୋଜିତ କରାଯାଇଛି।

# 'ଭ୍ରୂଣ ନିରୂପଣଠାରୁ ନିବୃତ୍ତ ରୁହ'

**ଢେଙ୍କାନାଳ ଅଫିସ, ୨୩।୯**

ଢେଙ୍କାନାଳ ଜିଲାରେ ଲିଙ୍ଗଗତ ଅନୁପାତ ହାର ଅତି ଉଦ୍‌ବେଗଜନକ। ପ୍ରତି ୧୦୦୦ ପୁଅରେ ଏଠାରେ ଝିଅ ସଂଖ୍ୟା ୯୩୮। ଏହାସତ୍ତ୍ୱେ ଜିଲାରେ ଲିଙ୍ଗ ନିରୂପଣ, ଭ୍ରୂଣହତ୍ୟା ଭଳି ଘୃଣ୍ୟ ଘଟଣା ଘଟୁଛି। ଏଭଳି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବା ଲାଗି ଜିଲାପାଳ ସରୋଜ କୁମାର ସେଠୀ ଅଲଟ୍ରାସାଉଣ୍ଡ କ୍ଲିନିକ୍ ମାଲିକ, ନର୍ସିଂହୋମ୍ ମାଲିକଙ୍କୁ ତାଗିଦା କରିଛନ୍ତି। ଝିଅଙ୍କ ଅନୁପାତ ୯୭୦କୁ ବୃଦ୍ଧି କରିବା ଦିଗରେ ସମସ୍ତେ ଯତ୍ନବାନ ହେବା, ଅର୍ଥ ପଛରେ ନ ଗୋଡ଼ାଇ ବିବେକବାନ ହୋଇ ଭ୍ରୂଣହତ୍ୟା ଭଳି ଅପରାଧ ନ କରିବା ପାଇଁ ସେ ଡାକ୍ତରମାନଙ୍କୁ ନିବେଦନ କରିଛନ୍ତି।

ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲାପାଳ ସୂଚନା ଦେଇ କହିଲେ, ପ୍ରଶାସନ ଏବଂ ପୋଲିସର ଏକ ମିଳିତ ଟିମ୍ ଜିଲାର ଅଲଟ୍ରାସାଉଣ୍ଡ୍ କ୍ଲିନିକଗୁଡ଼ିକୁ ଯାଞ୍ଚ କରିବେ। ବେଆଇନ କାର୍ଯ୍ୟ ହେଉଥିବା ପ୍ରମାଣ ମିଳିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭ୍ରୂଣ ପରୀକ୍ଷା ହେଉଥିବା ସୂଚନା ଦେଲେ ସୂଚନାଦାତାଙ୍କ ପରିଚୟ ଗୁପ୍ତ ରଖାଯିବା ସହ ତାଙ୍କୁ ୨୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି।




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

■ଅଲଟ୍ରାସାଉଣ୍ଡ୍ କ୍ଲିନିକ ମାଲିକଙ୍କୁ ପରାମର୍ଶ
■ଅର୍ଥ ପଛରେ ନ ଗୋଡ଼ାଇ ବିବେକବାନ ହୁଅ

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲାର ସମସ୍ତ ୧୮ କ୍ଲିନିକ୍‌ର ମାଲିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ଓଡ଼ାପଡ଼ା ବ୍ଲକ ଇନ୍ଦିପୁର କଟାପୋଖରୀରୁ ୩ ଅପରିପକ୍ୱ ଶିଶୁଙ୍କ ମୃତଦେହ ଠାବ କରାଯାଇଥିଲା। ଏହାର ଦୁଇଦିନ ପରେ କାମାକ୍ଷାନଗର ବ୍ଲକ ଅଞ୍ଚଳରୁ ଜଣେ ନବଜାତ ଶିଶୁକନ୍ୟାର ମୃତଦେହ ଜବତ ହୋଇଥିଲା।

# ଲୁଟେରାଙ୍କ ଟାର୍ଗେଟରେ ବ୍ୟବସାୟୀ



ଲୁଟ୍‌ର ଶିକାର ହୋଇଥିବା ବ୍ୟବସାୟୀ।

**କାମାକ୍ଷାନଗର, ୨୩।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଲୁଟେରା ଗୋଷ୍ଠୀ ସକ୍ରିୟ ହୋଇଉଠିଛନ୍ତି। ସେମାନେ ମୁଖ୍ୟତଃ ପାଇକାରୀ ବ୍ୟବସାୟୀଙ୍କୁ ଟାର୍ଗେଟ୍ କରୁଛନ୍ତି। ବ୍ୟବସାୟୀମାନେ ଟଙ୍କା ଆଦାୟ କରି ଫେରୁଥିବାବେଳେ ରାସ୍ତାରେ ଆକ୍ରମଣ କରି ଲୁଟ୍‌ପାଟ୍ କରୁଛନ୍ତି। ଗତ ୮ ତାରିଖରେ ଢେଙ୍କାନାଳ ସଦର ମହକୁମାର ଦେବୀ ମେଡିସିନ୍ ପାଇକାରୀ ଔଷଧ ଦୋକାନ କର୍ମଚାରୀଙ୍କୁ କାମାକ୍ଷାନଗର ଥାନା ଜଡ଼ାପାଳ ଛକ ନିକଟରେ ଦୁର୍ବୃତ୍ତମାନେ ଆକ୍ରମଣ କରି ପ୍ରାୟ ୬୦ ହଜାର ଟଙ୍କା ଲୁଟି ନେଇଥିଲେ। ଗତ ଗୁରୁବାର କଙ୍କଡ଼ାହାଡ଼-କାମାକ୍ଷାନଗର ରାସ୍ତାର କ୍ରଶର ନିକଟରେ ଅନୁରୂପ ଘଟଣା ଘଟିଛି। ଶାନ୍ତି ଏଜେନ୍ସି କର୍ମଚାରୀ ପ୍ରଶାନ୍ତ ବେହେରା, ମହିମା ଫାର୍ମାଟିକାଲ୍ସର ଦୀପ୍ତିରଞ୍ଜନ ସେଠୀଙ୍କୁ ଆକ୍ରମଣ କରି ଅଭିଯୁକ୍ତମାନେ ୯୦ ହଜାର ଟଙ୍କା ଛଡ଼ାଇ ନେଇଛନ୍ତି। ଉଭୟେ ଏକ ବାଇକ୍‌ରେ ଆସୁଥିବା ବେଳେ ଏହି ଘଟଣା ଘଟିଥିଲା। ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସି ଉଭୟଙ୍କୁ ଅଟକାଇଥିଲେ। ପରେ ପିସ୍ତଲ ଏବଂ ଭୁଜାଲି ଦେଖାଇ ଭୟଭୀତ କରାଇ ଟଙ୍କା ଛଡ଼ାଇ ନେଇଥିଲେ। ପ୍ରଶାନ୍ତଙ୍କଠାରୁ ୩୭ ହଜାର ୫୨୯ ଟଙ୍କା ଏବଂ ଦୀପ୍ତିରଞ୍ଜନଙ୍କଠାରୁ ୫୪ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଦୁହେଁ କଙ୍କଡ଼ାହାଡ଼ ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ଘଟଣା ଉକ୍ତ ଥାନା ଅଞ୍ଚଳରେ ଘଟି ନ ଥିବା କହି ପୋଲିସ ଫେରାଇ ଦେଇଥିଲା। କାମାକ୍ଷାନଗର ଥାନାରୁ ମଧ୍ୟ ଅନୁରୂପ ଉତ୍ତର ମିଳିଥିଲା। ତେବେ ଔଷଧ ବ୍ୟବସାୟୀ ସଂଘ ହସ୍ତକ୍ଷେପ କରିବାରୁ ଘଟଣାର ୨୪ ଘଣ୍ଟା ପରେ କାମାକ୍ଷାନଗର ଥାନାରେ ମାମଲା ରୁଜୁ କରାଯାଇଛି। ମାମଲା ରୁଜୁକୁ ନେଇ ଦୁଇ ଥାନା ମଧ୍ୟରେ ଟଣାଓଟରା ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଏସ୍‌ଡିପିଓ ରଞ୍ଜନ କୁମାର ଦେଓ କୁହନ୍ତି, ଏ ସମ୍ପର୍କରେ ସୂଚନା ମିଳିବା ପରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ଦୁଇ ଥାନା ମଧ୍ୟରେ ଟଣାଓଟରା
■୨୪ ଘଣ୍ଟା ପରେ ମାମଲା ରୁଜୁ

# ଜରୁରୀ ଇଞ୍ଜେକ୍ସନ ମିଳୁନି

**ଢେଙ୍କାନାଳ ଅଫିସ, ୨୩।୯**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସରକାରୀସ୍ତରରେ ରୋଗୀଙ୍କ ଲାଗି ନିଃଶୁଳ୍କ ଯୋଗାଣ ହେଉଥିବା ଜରୁରୀ ଇଞ୍ଜେକ୍ସନ ଏବଂ ମେଡିସିନ ମିଳୁ ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏପରି କି ରାତିରେ ଗ୍ୟାଷ୍ଟ୍ରିକ୍ କିମ୍ବା ପେଟ ଯନ୍ତ୍ରଣା ଭୋଗୁଥିବା ରୋଗୀ ଆସିଲେ ସେମାନଙ୍କୁ ଇଞ୍ଜେକ୍ସନ ନ ଦେଇ କଟକ ରେଫର କରି ଦିଆଯାଉଥିବା ଅଭିଯୋଗ ହେଉଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାବଶ୍ୟକ ଔଷଧ ମହଜୁଦ୍ ରଖିବା, ରୋଗୀଙ୍କୁ ଆବଶ୍ୟକ ସମୟରେ ନିଃଶୁଳ୍କ ଭାବେ ଯୋଗାଇଦେବାକୁ ସରକାରୀସ୍ତରରେ ନିର୍ଦ୍ଦେଶ ରହିଛି। ତେବେ ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗ୍ୟାଷ୍ଟ୍ରିକ୍ ପାଇଁ ପାଣ୍ଟୋପ୍ରାଜୋଲ, ପେଟକାମୁଡ଼ା ପାଇଁ ଟୋଟାବେରିନ୍ ଇଞ୍ଜେକ୍ସନ୍ ଏଠାରେ ମିଳୁନାହିଁ। କାଶ ସିରପ୍ ମଧ ଦିଆଯାଉନାହିଁ। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସଂଖ୍ୟା ଅନୁପାତରେ ଗ୍ୟାଷ୍ଟ୍ରିକ ଏବଂ ପେଟକାମୁଡ଼ା ପାଇଁ ଦୈନିକ ଅନ୍ୟୂନ ୧୫୦ ଲେଖାଏ ଇଞ୍ଜେକ୍ସନ୍ ଯୋଗାଣ ହେବା କଥା। ତେବେ କିଛିଦିନ ହେଲା ଉଭୟ ମାତ୍ର ୨୦ରୁ ୨୫ ଡୋଜ୍ ଯୋଗାଣ କରାଯାଉଛି। ତେଣୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଏହାର ସୁଯୋଗ ନେଉଥିବାବେଳେ ଗରିବ ରୋଗୀମାନେ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସାଧାରଣ ରୋଗୀଙ୍କୁ ଇଞ୍ଜେକ୍ସନ ନ ଥିବା କହି ବାହୁଡ଼ାଇ ଦିଆଯାଉଛି। ତେଣୁ ସେମାନେ ବାଧ ହୋଇ ବାହାରୁ ଟଙ୍କା ଦେଇ ଇଞ୍ଜେକ୍ସନ କିଣୁଛନ୍ତି। ଏବେ ଗ୍ୟାଷ୍ଟ୍ରିକ୍ ଏବଂ ପେଟକାମୁଡ଼ା ରୋଗୀ ସଂଖ୍ୟା ବଢୁଥିବାରୁ ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ସିଡିଏମ୍‌ଓ ଡା. ଅଶୋକ କୁମାର ଦାସ କୁହନ୍ତି, ବୋଧେହୁଏ ଇଣ୍ଡେନ୍ ଅନୁଯାୟୀ ଇଞ୍ଜେକ୍ସନ ଆସି ନ ଥିବ। ସେଥିପାଇଁ ଅସୁବିଧା ହେଉଥିବ। ଅନୁଧ୍ୟାନ କରି ଦେଖିବେ ବୋଲି ସେ କହିଛନ୍ତି।

### ଜିଲା ଚିକିତ୍ସାଳୟରେ ଚରମ ଅବ୍ୟବସ୍ଥା




# ରାସ୍ତା ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ

**ଢେଙ୍କାନାଳ ଅଫିସ, ୨୩।୯**

ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ଗଁଦିଆ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଦିଗାମ୍ବରପୁର ପଞ୍ଚାୟତର ପର୍ବତକଣୀ ଗ୍ରାମବାସୀ। ଅଭିଯୋଗ ଅନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ମୁଷ୍ଟିମେୟ ଲୋକ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଖୋଳି ଦେଇଥିଲେ। ଏହାକୁ ନେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିବାବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା। ଦୀର୍ଘଦିନ ପରେ ଗୁରୁବାର ଖୋଳାଯାଇଥିବା ରାସ୍ତାରେ ପ୍ରଶାସନ ପକ୍ଷରୁ ମାଟି ପକାଇ ମରାମତି କରାଯାଇଥିବାବେଳେ ପକ୍କା ରାସ୍ତା ନିର୍ମାଣ ଦାବିରେ ଶୁକ୍ରବାର ଅଞ୍ଚଳବାସୀ ବ୍ଲକ ଅଫିସ ଘେରିଥିଲେ। ଏଥିସହ ତହସିଲଦାର ଭଜନାନନ୍ଦ ସାହୁ, ବିଡିଓ ଆଶିଷ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାସ୍ତା ଖୋଳିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ରାସ୍ତାକୁ ପକ୍କା କରି ପଞ୍ଚାୟତକୁ ହସ୍ତାନ୍ତର, ବନାଞ୍ଚଳ ମଧ୍ୟରେ ଯାଉଥିବାରୁ ସଡ଼କକୁ ଉଚ୍ଚା କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ସଂକ୍ରାନ୍ତରେ ବିଡିଓ ସାହୁ କୁହନ୍ତି, ପର୍ବତକଣୀ ଗ୍ରାମର ମୁଖ୍ୟରାସ୍ତାକୁ କେହି କାଟିଦେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପ୍ରଶାସନ ପକ୍ଷରୁ ମାଟି ପକାଇ ରାସ୍ତାରେ ଗମନାଗମନ ସୁବିଧା କରାଯାଇଛି। ୭ଦିନ ମଧ୍ୟରେ ଗ୍ରାମବାସୀ ଏବଂ ଜାଗା ରେକର୍ଡ ଥିବା ଲୋକଙ୍କୁ ନୋଟିସ କରି ଆଲୋଚନା ପାଇଁ ଡାକିଛୁ। ଗ୍ରାମବାସୀ ଏଥିରେ ରାଜି ହୋଇଛନ୍ତି । ଆଲୋଚନା ମାଧ୍ୟମରେ ବିବାଦର ସ୍ଥାୟୀ ସମାଧାନ କରାଯିବ।




ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ଦୁଃଖ ବଖାଣିଲେ ଗୁରୁଜାଙ୍ଗବାସୀ

### ଦୁର୍ଗମ ଗ୍ରାମରେ ଜିଲାପାଳଙ୍କ ଜନଶୁଣାଣି

**ରାସୋଳ, ୨୩।୯(ଡି.ଏନ୍.ଏ.)**

'ପାଣି ନାହିଁ। ରାସ୍ତା ନାହିଁ। ସ୍ୱାସ୍ଥ୍ୟ ସୁବିଧା ମିଳୁନାହିଁ। ଯନ୍ତ୍ରଣାରେ କଲବଲ ହେଉଛୁ। କେହି ଦୁଃଖ ଶୁଣୁନାହାନ୍ତି। ଏମିତି କେତେଦିନ ମରିମରି ବଞ୍ଚିବୁ। ଏଥର ଗାଁ ପ୍ରତି ଦୃଷ୍ଟି ଦିଅନ୍ତୁ। ଆମ ସମସ୍ୟା ବୁଝନ୍ତୁ'। ଦୁର୍ଗମ ଗୁରୁଜଙ୍ଗ ଗ୍ରାମରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏଭଳି ଅଭିଯୋଗର ଲମ୍ବା ତାଲିକା ନେଇ ସମସ୍ୟା ଜଣାଇଛନ୍ତି ଅଞ୍ଚଳବାସୀ।

ଢେଙ୍କାନାଳ ଜିଲାର ଦୁର୍ଗମ ଅଞ୍ଚଳଗୁଡ଼ିକର ବିକାଶ ପାଇଁ ନୀଳ ନକ୍ସା ପ୍ରସ୍ତୁତି କରିଛି ପ୍ରଶାସନ। ଜିଲାପାଳ ସରୋଜ କୁମାର ସେଠୀ ଅପହଞ୍ଚ ଅଞ୍ଚଳ ଗସ୍ତ କରି ସମୀକ୍ଷା କରିବା ସହ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ତଦନୁଯାୟୀ ଶୁକ୍ରବାର ଜିଲାପାଳ ଏବଂ ଅନ୍ୟ ପଦସ୍ଥ ଅଧିକାରୀମାନେ ପହଞ୍ଚିଥିଲେ ହିନ୍ଦୋଳ ବ୍ଲକର ବଣପାହାଡ଼ ଘେରା ଗୁରୁଜଙ୍ଗ ଗ୍ରାମରେ। ଏହି ଗାଁକୁ ସବୁଦିନିଆ ରାସ୍ତା ନାହିଁ। ପାନୀୟ ଜଳ ପାଇଁ ଲୋକଙ୍କୁ ନାହିଁ ନ ଥିବା ହଇରାଣ ହେବାକୁ ପଡୁଛି। ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ଅପହଞ୍ଚ ହୋଇ ରହିଛି। ଗ୍ରାମର ୩୦୦ ଊର୍ଦ୍ଧ୍ୱ ଜନସାଧାରଣ ଶିବିରରେ ଯୋଗଦେଇ ସେମାନେ ଭୋଗୁଥିବା ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




ଲୋକମାନଙ୍କ ନିକଟରେ ଯେପରି ସରକାରୀ ଯୋଜନା ପହଞ୍ଚି ପାରିବ, ସେମାନେ ଯେପରି ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ଉପଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାନୀୟ ଜଳ ସୁବିଧା ଲାଗି ଖୁବ୍‌ଶୀଘ୍ର ୨ଟି ନଳକୂପ ଖନନ, ବନ୍ୟପ୍ରାଣୀଙ୍କ ଉପଦ୍ରବରୁ ଫସଲ ସୁରକ୍ଷା ଲାଗି ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବହୁ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ବରୁଣ କୁମାର ସର, ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ଶିବଶଙ୍କର ମିଶ୍ର, ତହସିଲଦାର ସୁଶାନ୍ତ ମିଶ୍ର, ଏଡିଏମ୍‌ଓ ଉଦୟ କୁମାର ମହାପାତ୍ର, ଡିଏଫ୍‌ଓ ଡା. ପ୍ରକାଶ ଚାନ୍ଦ ଗୋଗନେନି, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ କୁମାର ମିଶ୍ରଙ୍କ ସମେତ ବିଦ୍ୟୁତ୍, ଶିକ୍ଷା, କୃଷି ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଜିଲାପାଳ କୁନୁଆସ୍ଥିତ ମା' ସୁକିଆ ବାଉତୀ ମନ୍ଦିର ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ନୂତନ ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ସେହିପରି ପୁରୁଣା କଟକ-ସମ୍ବଲପୁର ରାସ୍ତାର ଇସ୍ରାପାଳ ନିକଟରେ ଥିବା 'ପାନ୍ଥିକା' ପରିଦର୍ଶନ କରି ଯାତ୍ରୀ, ପର୍ଯ୍ୟଟକଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

